# NATIONAL NEWS BULLETIN (ODIA)
## 5 June - 2025
## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ଆସନ୍ତା ମାସ ୨୧ ତାରିଖରୁ ଆରମ୍ଭ ହେବ ସଂସଦର ମୌସୁମୀ ଅଧିବେଶନ ।
- ରାମ୍‌ସାର ଐତିହ୍ୟ ସ୍ଥଳୀରେ ଭାରତର ଅନ୍ୟ ୨ଟି ଐତିହାସିକ ସ୍ଥଳ ସାମିଲ ।
- ପୃଥିବୀକୁ ସବୁଜ ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ପରିବେଶ ଦିବ ।

ଏବଂ

- ଭୂସ୍ଖଳନ ପରେ ସିକ୍କିମର ଲାଚେନ ଅଞ୍ଚଳରେ ଅଟକି ରହିଥିବା ଯାତ୍ରୀମାନଙ୍କୁ ଉଦ୍ଧାର ଲାଗି ଚାଲିଛି ମିଳିତ ଉଦ୍ଧାର ଅଭିଯାନ ।

# ମନସୁନ ସେସନ

ସଂସଦର ମୌସୁମୀ ଅଧିବେଶନ ଆସନ୍ତା ମାସ ୨୧ ତାରିଖରୁ ଆରମ୍ଭ ହେବ । ଏହି ଅଧିବେଶନ ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ପହଲଗାମ ସନ୍ତ୍ରାସବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ଭାରତ ଦ୍ୱାରା

କରାଯାଇଥିବା ଅପରେସନ ସିନ୍ଦୂର ଅଭିଯାନ ପରେ ଏହା ହେଉଛି ପ୍ରଥମ ସଂସଦୀୟ ଅଧିବେଶନ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ...

**V/O-RIJIJU-ON-SESSION**

# ପିଏମ୍-ରାମସାର ସାଇଟ୍ସ

ଭାରତର ଅନ୍ୟ ୨ଟି ଐତିହାସିକ ସ୍ଥଳକୁ ରାମ୍‌ସା ଐତିହ୍ୟ ସ୍ଥଳୀ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି । ଏହାକୁ ମିଶାଇ ଭାରତର ରାମ୍‌ସାର ଐତିହ୍ୟସ୍ଥଳୀ ସଂଖ୍ୟା ୯୧କୁ ବୃଦ୍ଧି ପାଇଛି। ରାଜସ୍ଥାନର ହଲୋଦିସ୍ଥିତ ଖିଚାନ ଏବଂ ଉଦୟପୁରସ୍ଥିତ ମେନାର ଆର୍ଦ୍ରଭୂମିକୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି । କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସବୁଜ ଭାରତ ଗଠନ ଦିଗରେ ଏହା ଆଉଏକ ପଦକ୍ଷେପ ବୋଲି ପ୍ରମାଣ କରୁଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରିବେଶ ସଂରକ୍ଷଣ ଦିଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ଗୁଡ଼ିକୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଯାଦବ କହିଛନ୍ତି ଲୋକଙ୍କ ଯୋଗଦାନ ଫଳରେ ଭାରତ ପରିବେଶ ସଂରକ୍ଷଣ ଦିଗରେ ନୂତନ କୀର୍ତ୍ତିମାନ ସ୍ଥାପନ କରୁଛି । ଏକ ସବୁଜ ସୁନ୍ଦର ବିଶ୍ୱ ଗଠନ ଲାଗି ରାମ୍‌ସା ତାଲିକାରେ ବିଭିନ୍ନ ଆର୍ଦ୍ରଭୂମିର ବିକାଶ ଏବଂ ସଂରକ୍ଷଣ ଦିଗରେ ନିରନ୍ତର ପଦକ୍ଷେପ ଗ୍ରହଣ କରାଯାଉଛି । ଇରାନ୍‌ର

ଏକ ସହର ରାମ୍‌ସାର ନାମରେ ୧୯୭୧ ମସିହା ଫେବୃୟାରୀ ୨ ତାରିଖରେ ରାମ୍‌ସାର୍ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଭାରତ ୧୯୮୨ ମସିହା ଫେବୃୟାରୀ ୧ ତାରିଖରେ ଏହି ଚୁକ୍ତିକୁ ଗ୍ରହଣ କରିଥିଲା ।

# ପିଏମ୍ କାଉନ୍‌ସିଲ ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତକାଲି ନୂଆଦିଲ୍ଲୀରେ ମନ୍ତ୍ରୀ ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଏହା ବିରୋଧରେ ଭାରତର ଅପରେସନ ସିନ୍ଦୂର ପରେ ପ୍ରଥମଥର ଲାଗି ଏଭଳି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ରାଜନାଥ ସିଂହ, ନୀତିନ ଗଡକରୀ, ଜେ.ପି. ନଡ୍ଡା, ଚିରାଗ ପାଶୱାନ ଏବଂ ସି.ଆର୍. ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ ।

# ପୀୟୂଷ ଗୋୟଲ୍

ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଦୁଇଦିନିଆ ଇଟାଲୀ ଗସ୍ତରେ ଯାଇଛନ୍ତି । ଏହି ଗସ୍ତ ଅବସରରେ ରୋମ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ଭାରତ ଇଟାଲୀ ଅର୍ଥନୈତିକ ସହଯୋଗ ଯୁଗ୍ମ ଆୟୋଗର ୨୨ତମ ଅଧିବେଶନରେ ଶ୍ରୀ ଗୋୟଲ୍ ସେଠାକାର ବୈଦେଶିକ ବ୍ୟାପାର ଓ ଆନ୍ତର୍ଜାତିକ ସହଯୋଗ ମନ୍ତ୍ରୀ

ଆଣ୍ଟୋନିଓ ତାଜାନିଙ୍କ ସହିତ ସହ-ଅଧ୍ୟକ୍ଷତା କରିବେ । ଏହି ଅଧିବେଶନରେ ଡିଜିଟାଲାଇଜେସନ୍, ଶକ୍ତି, ସ୍ଥାୟୀ ଗମନାଗମନ, ଶିଳ୍ପ ଫୋର୍ ପଏଣ୍ଟ ଜିରୋ, ଅତ୍ୟାଧୁନିକ କୃଷି ବ୍ୟବସ୍ଥା ଏବଂ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡ଼ର ସମ୍ପର୍କରେ ବିସ୍ତୃତ ଆଲୋଚନା ତଥା ସହଯୋଗ ବୃଦ୍ଧି ଉପରେ ପ୍ରାଧାନ୍ୟ ଦିଆଯିବ । ଶ୍ରୀ ଗୋୟଲଙ୍କର ଏହି ଗସ୍ତ ଦ୍ୱିପକ୍ଷିୟ ରଣନୈତିକ ଶିଳ୍ପ ଭାଗିଦାରୀ ତଥା ଅର୍ଥନୈତିକ ସଂଯୋଗୀକରଣକୁ ଅଧିକ ସଶକ୍ତ କରିବ ବୋଲି ଆଶା କରାଯାଉଛି ।

## ୱାର୍ଲ୍ଡ ଏନଭରମେଣ୍ଟ ଡେ

ପୃଥିବୀକୁ ସବୁଜ ସୁନ୍ଦର ଏବଂ ପ୍ରଦୂଷଣମୁକ୍ତ କରିବା ଓ ଭବିଷ୍ୟତ ପୀଢ଼ି ପାଇଁ ଏକ ସ୍ୱାସ୍ଥ୍ୟକର ବିଶ୍ୱ ଗଠନ ଉଦ୍ଦେଶ୍ୟରେ ଆଜି ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି । ୧୯୭୩ ମସିହା ପରଠାରୁ ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ଅଧୀନରେ ଆଜିର ଦିନକୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଇଥାଏ । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ପ୍ଲାଷ୍ଟିକ ପ୍ରଦୂଷଣର ମୁକାବିଲା କରିବା' ।

ଏହି ଦିବସ ଅବସରରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀ ଠାରେ ଏକ ବିଶେଷ ବୃକ୍ଷ ରୋପଣ ଅଭିଯାନର ଶୁଭାରମ୍ଭ କରିବେ । 'ଏକ୍

ପେଡ୍ ମା’ କେ ନାମ୍’ ଅଭିଯାନ ଅଧୀନରେ ଶ୍ରୀ ମୋଦୀ ସ୍ଥାନୀୟ ଭଗବାନ ମହାବୀର ବଣସ୍ଥଳୀ ପାର୍କ ଠାରେ ଏକ ବଟବୃକ୍ଷର ଚାରା ରୋପଣ କରିବେ ।

**V/O (PM)**

ଏଥିସହିତ ପ୍ରଧାନମନ୍ତ୍ରୀ ଆଜି ଆରାଭାଲ୍ଲି ଗ୍ରିନ୍ ୱାଲ୍ ପ୍ରକଳ୍ପର ଶୁଭାରମ୍ଭ କରିବେ । ୭୦୦ କିଲୋମିଟର ଅଞ୍ଚଳ ପରିମିତ ଆରାଭାଲ୍ଲି ରେଞ୍ଜକୁ ପୁନଃ ବନିକରଣ କରିବା ହେଉଛି ଏହି ପ୍ରକଳ୍ପର ଉଦ୍ଦେଶ୍ୟ ।

ଦିଲ୍ଲୀ ରାଜସ୍ଥାନ, ହରିଆଣା ଓ ଗୁଜରାଟର ୨୯ଟି ଜିଲ୍ଲା ଏହି ପ୍ରକଳ୍ପ ଅଧୀନରେ ଆସୁଛି । ଏହି ପ୍ରକଳ୍ପ ଅଧୀନରେ ଆରାଭାଲ୍ଲିର ଜୈବ ବିବିଧ ପ୍ରକ୍ରିୟାକୁ ଉଜ୍ଜୀବିତ ରଖିବା ତଥା ସୁସଂହତ ରଖିବା ଦିଗରେ ପୁନଃ ବନିକରଣ ସମେତ ଅନ୍ୟାନ୍ୟ ପ୍ରକ୍ରିୟା ମାଧ୍ୟମରେ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଏହାଛଡ଼ା ସ୍ଥାନୀୟ ମୃତ୍ତିକାକୁ ଅଧିକ ଉର୍ବର କରିବା, ଜଳର ଉପଲବ୍ଧତାକୁ ସୁଗମ କରିବା ଏବଂ ଜଳବାୟୁ ପରିବର୍ତ୍ତନର କୁ-ପ୍ରଭାବକୁ ରୋକିବା ଦିଗରେ ମଧ୍ୟ ପଦକ୍ଷେପ ନିଆଯାଉଛି ।

**V/O (Correspondent)**

ଏହି ପ୍ରକଳ୍ପ ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି । ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ପରିବେଶ ଅନୁକୂଳ ଯାତାୟତ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଦିଲ୍ଲୀ ସରକାରଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ୨୦୦ଟି ଇଲେକ୍ଟ୍ରିକ୍ ବସ୍‌ର ଶୁଭାରମ୍ଭ କରିବେ ।

# ହଜ୍

ଭାରତ ସମେତ ପୃଥିବୀର ବିଭିନ୍ନ କୋଣ ଅନୁକୋଣରୁ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ଆଜି ସାଉଦୀ ଆରବରେ ହଜ୍ ପାଳନ କରିବେ । ୫ଦିନିଆ ହଜ୍ ପର୍ବର ପ୍ରଥମ ଦିନରେ ଗତକାଲି ଶ୍ରଦ୍ଧାଳୁମାନେ ମୀନା ସହରରେ ଏକତ୍ରିତ ହୋଇଛନ୍ତି । ସୂର୍ଯ୍ୟଦ୍ୟୋୟ ପୂର୍ବରୁ ପ୍ରାର୍ଥନା ପରେ ଶ୍ରଦ୍ଧାଳୁମାନେ ହଜ୍ ପର୍ବର ମୁଖ୍ୟ କାର୍ଯ୍ୟକ୍ରମ ନିମନ୍ତେ ଆରାଫତ୍‌ଠାରେ ସମୂହ ପ୍ରାର୍ଥନା ଆୟୋଜନ କରାଯାଇଛି । ଆଜି ଦିନତମାମ ସେଠାରେ ପ୍ରାର୍ଥନା ସଭାମାନ ଆୟୋଜନ କରାଯାଇ ଈଶ୍ୱରଙ୍କ ଠାରେ କ୍ଷମା ପ୍ରାର୍ଥନା କରାଯିବ । ନିମ୍‌ରା ମସ୍‌ଜିଦ୍‌ରେ ଶ୍ରଦ୍ଧାଳୁମାନେ କ୍ଷୁତବ ଏ ହଜ୍ ଶୁଣିବା ସହ ଏକାଠି ହୋଇ ମଧ୍ୟାହ୍ନ ଏବଂ ଅପରାହ୍ଣରେ ପ୍ରାର୍ଥନାରେ କରିବେ । ସଂଧ୍ୟା ସମୟରେ ସେମାନେ ମୁଜଦାଲିଫାରୁ ପ୍ରତ୍ୟାବର୍ତ୍ତନ କରିବେ । ଆସନ୍ତାକାଲି ସକାଳେ ଶ୍ରଦ୍ଧାଳୁମାନେ ମୀନାକୁ ପ୍ରତ୍ୟାବର୍ତ୍ତନ କରି ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ ।

# ଟ୍ରମ୍ପ-ପୁଟିନ୍ ଟକ୍ସ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ସଂଧ୍ୟାରେ ରୁଷ୍ ରାଷ୍ଟ୍ରପତି ବ୍ଲାଦିମିର୍ ପୁଟିନଙ୍କ ସହ ଏକଘଣ୍ଟାରୁ ଅଧିକ ସମୟ ଧରି କଥାବାର୍ତ୍ତା କରିଛନ୍ତି । ରାଷ୍ଟ୍ରପତି ପୁଟିନ କହିଛନ୍ତି ଏହି ଆଲୋଚନା ଦ୍ୱାରା ୟୁକ୍ରେନରେ

ତୁରନ୍ତ ଶାନ୍ତି ସ୍ଥାପନ ହେବାର ସମ୍ଭାବନା ନାହିଁ । ସେ କହିଛନ୍ତି ଚଳିତ ସପ୍ତାହରେ ୟୁକ୍ରେନ ପକ୍ଷରୁ ରୁଷ୍‌ର ବିମାନଘାଟୀ ଉପରେ କରାଯାଇଥିବା ଆକ୍ରମଣର ଦୃଢ଼ ଜବାବ ଦିଆଯିବ । ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ପୁତିନଙ୍କ ସହ ୮୫ମିନିଟ୍ ଆଲୋଚନା ହୋଇଛି ଏବଂ ଏହି ଆଲୋଚନା ସଫଳ ହୋଇଥିଲେ ମଧ୍ୟ ୟୁକ୍ରେନ ତୁରନ୍ତ ଶାନ୍ତି ସ୍ଥାପନ ହେବାନେଇ କୌଣସି ସକରାତ୍ମକ ବାର୍ତ୍ତା ମିଳିପାରିନାହିଁ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ୟୁକ୍ରେନ ଆକ୍ରମଣର ଜବାବ ଦେବାଲାଗି ରୁଷ୍‌କୁ ଅଟକାଇବା ନିମନ୍ତେ କୌଣସି ପ୍ରୟାସ କରାଯାଇନାହିଁ ।

ଗତକାଲି ଏକ ଆଭାସୀ ବୈଠକରେ ପୁତିନ୍ ନିଜ ସହଯୋଗୀମାନଙ୍କୁ ୟୁକ୍ରେନ୍‌ରେ ଅସ୍ତ୍ରବିରତି ସମ୍ଭାବନାକୁ ପ୍ରତ୍ୟାଖାନ କରିଛନ୍ତି । ସେ କହିଛନ୍ତି ଅସ୍ତ୍ରବିରତି ହେବାଦ୍ୱାରା ୟୁକ୍ରେନ ଅସ୍ତ୍ରଶସ୍ତ୍ର ଯୋଗାଡ କରି ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି । ଅନ୍ୟପକ୍ଷରେ ୟୁକ୍ରେନ ରାଷ୍ଟ୍ରପତି ଭ୍ଲୋଦିମିର୍ ଜେଲେନ୍‌ସ୍କି କହିଛନ୍ତି ଚଳିତ ସପ୍ତାହ ପ୍ରାରମ୍ଭରେ ରୁଷ୍ ଦ୍ୱାରା ଦିଆଯାଇଥିବା ଶାନ୍ତି ପ୍ରସ୍ତାବ ବାସ୍ତବରେ ଏକ ଚେତାବନୀ ।

## ସିକ୍କିମ-ଷ୍ଟାଣ୍ଡାର୍ଡ ଟୁରିଷ୍ଟ

ସିକ୍କିମର ମଙ୍ଗନ ଜିଲ୍ଲାର ଲାଚେନ୍ ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନ ହେବା ପରେ ଅଟକି ରହିଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରିବା ଲାଗି ସବୁପ୍ରକାର ଉଦ୍ୟମ କରାଯାଉଛି । ମଙ୍ଗନର ପୁଲିସ ଅଧୀକ୍ଷକ କହିଛନ୍ତି

ଅଟକି ରହିଥିବା ଯାତ୍ରୀମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବା ଲାଗି ବିଭିନ୍ନ ସଂଗଠନ ମିଳିତଭାବେ କାର୍ଯ୍ୟ କରୁଛନ୍ତି । ଭୂସ୍ଖଳନ ଯୋଗୁଁ ଲାଚେନ୍ ଯାଇଥିବା ସମସ୍ତ ରାସ୍ତ କ୍ଷତିଗ୍ରସ୍ତ ହୋଇଛି ଏବଂ ସେଗୁଡ଼ିକର ପୁନଃରୁଦ୍ଧାର ଲାଗି ୨ରୁ ୩ ସପ୍ତାହ ସମୟ ଲାଗିବ । ସମ୍ପୃକ୍ତ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ ଘଟି ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା । ଆମ ସମ୍ବାଦଦାତା ଜଣାଇଛନ୍ତି ଲାଚେନ୍‌ରେ ଅଟକି ଯାଇଥିବା ୧୧୦ ଜଣ ଯାତ୍ରୀ ଚାଟେନରେ ପହଞ୍ଚିଛନ୍ତି । ଆଜି ସେମାନଙ୍କୁ ପାକୟାଙ୍ଗରେକୁ ଅଣାଯିବ । ସେମାନଙ୍କୁ ପାକେୟାଙ୍ଗ ଆଣିବା ଲାଗି ବାୟୁସେନାର ୨ଟି ହେଲିକପ୍ଟର ବ୍ୟବହାର କରାଯାଇଛି । ଗତକାଲି ପାଗ ଖରାପ ଯୋଗୁଁ ହେଲିକପ୍ଟରରେ ଉଦ୍ଧାର କାର୍ଯ୍ୟ ସମ୍ଭବ ହୋଇନଥିଲା । ଉଦ୍ଧାର ଏକ ରିଲିଫ କାର୍ଯ୍ୟରେ ସେନାବାହିନୀ ବିପର୍ଯ୍ୟୟ ପରିଚାଳନା ଦଳ ଆଇଟିବିପି, ସୀମା ସଡ଼କ ସଂଗଠନ, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଦଳ ଏବଂ ପୋଲିସ ମିଳିତଭାବେ କାର୍ଯ୍ୟ କରୁଛନ୍ତି । ଆଜି ବିପର୍ଯ୍ୟୟ ପରିଚାଳନା ଦଳଗୁଡ଼ିକ ଅଟକି ଯାଇଥିବା ଯାତ୍ରୀମାନଙ୍କ ନିକଟରେ ଔଷଧ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ପହଞ୍ଚାଇବେ ବୋଲି ଜଣାପଡିଛି ।